ପ୍ରେସ୍ ନୋଟ୍

## <u>ଅନୁଗୋଳରେ ନୂତନ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ ।</u>

ଅନୁଗୋଳ, ତା, ୧.୭ :- ଆଜି ପୂର୍ବାହ୍ନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଅନୁଗୋଳର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଶ୍ରୀ କେ. ଶ୍ରବଣ କୁମାର ଯୋଗ ଦେଇଛନ୍ତି । ନୂତନ ଅଧିକାରୀ ଭାବେ ଯୋଗ ଦେବା ପରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ତାଙ୍କୁ ହାର୍ଦ୍ଦିକ ଶୁଭେଛା ଜଣାଇବା ସହ କାର୍ଯ୍ୟ କ୍ଷେତ୍ରରେ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

## <u>ସରକାରୀ ଚାକିରୀରୁ ଅବସର ।</u>

ଢେଙ୍କାନାଳର ସ୍ୱର୍ଗତ ଗଦାଧର ମିଶ୍ରଙ୍କ ସୁପୁତ୍ରୀ ଶୈଳବାଳା ମିଶ୍ର ଦୀର୍ଘ ୩୩ ବର୍ଷରୁ ଉର୍ଦ୍ଧ ସରକାରୀ ଚାକିରୀରେ ବିଭିନ୍ନ ବିଭାଗରେ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିବା ପରେ ଗତକାଲି ଏମ୍.ସି.ଏଲ୍‌ର ସ୍ୱତନ୍ତ୍ର ଭୂ-ଅର୍ଜନ କାର୍ଯ୍ୟାଳୟର ସେକ୍ସନ୍ ଅଫିସର ଦାୟିତ୍ୱରୁ ଅବସର ଗ୍ରହଣ କରିଛନ୍ତି । ସେ ଜଣେ ସଚ୍ଚୋଟ, ମେଳାପୀ, କର୍ତ୍ତବ୍ୟନିଷ୍ଠ କର୍ମଚାରୀ ଭାବେ ବିଭିନ୍ନ ବିଭାଗରେ କାର୍ଯ୍ୟକରି ଲୋକପ୍ରିୟତା ହାସଲ କରିଛନ୍ତି । ଏହାଛଡା ଅନୁଗୋଳର ବିଭିନ୍ନ ସ୍ୱେଛାସେବୀ ଅନୁଷ୍ଠାନ ସହିତ ଜଡିତ ରହିବା ସହିତ ସମାଜର ଉପକାର ନିମନ୍ତେ ଅଙ୍ଗଦାନ ପ୍ରକ୍ରିୟାରେ ୨୦୧୭ ମସିହାରେ ସେ ନିଜର ସମ୍ପୂର୍ଣ୍ଣ ଶରୀର ଦାନ ନିମନ୍ତେ ପ୍ରତିଶୃତିବଦ୍ଧ ହୋଇଛନ୍ତି । ଇଶ୍ୱରଙ୍କ କୃପାରୁ ତାଙ୍କର ଅବସର ପରବର୍ତ୍ତୀ ସମୟଗୁଡିକ ସୁଖ ସ୍ୱାଛନ୍ଦ୍ୟ, ନିରାମୟ ଓ ଆନନ୍ଦମୟ ହେଉ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା-୪୮ ତା.୦୧.୦୭.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.07.01 15:41